# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 December - 2024**

**News Editor *: Itishree Singh Rathaur***

*********************************

## ମୁଖ୍ୟ ସମ୍ବାଦ

- ରାଜସ୍ଥାନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ୫୫ତମ ଜିଏସ୍‌ଟି ପରିଷଦ ବୈଠକ ଅନୁଷ୍ଠିତ
- ଭଦ୍ରକରେ ବୟନ ପାର୍କ ପ୍ରତିଷ୍ଠା ପାଇଁ ୪ ହଜାର ୩୮୨ କୋଟି ଟଙ୍କା ମଞ୍ଜୁର
- ହିତାଧିକାରୀମାନଙ୍କୁ ଆସନ୍ତା ମାସରେ ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ପ୍ରଦାନ କରାଯିବ କହିଲେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ଲଗାଣ ବର୍ଷା

## ଜିଏସ୍‌ଟି ବୈଠକ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ରାଜସ୍ଥାନର ଜୈସେଲମେରଠାରେ ୫୫ତମ ଜିଏସଟି ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଦ୍ରବ୍ୟ ଓ ସେବାକର ଟିକସ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଖାଦ୍ୟ ଯୋଗାଣ, ସେବା ଓ ସ୍ୱାସ୍ଥ୍ୟବୀମା ଉପରେ ଜିଏସଟି ହାରରେ କେତେକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

କେତେକ ଦ୍ରବ୍ୟ ଉପରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ଜିଏସ୍‌ଟି ହାରରେ ମଧ୍ୟ ପରିବର୍ତ୍ତନ ଆଶା କରାଯାଉଛି।  ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ଯୋଗ ଦେଇଥିଲେ।

## ବୟନ ପାର୍କ ପ୍ରତିଷ୍ଠା

ଭଦ୍ରକ ଜିଲ୍ଲାରେ ଏମ୍.ସି.ପି.ଆଇ.ର ସହଯୋଗରେ ଏକ ବୟନ ପାର୍କ ପ୍ରତିଷ୍ଠା ପାଇଁ ଭାରତୀୟ ତୈଳ ନିଗମ ୪ ହଜାର ୩୮୨ କୋଟି ଟଙ୍କା ମଞ୍ଜୁର କରିଛି। ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ନିମନ୍ତେ ପୁଞ୍ଜିନିବେଶ କ୍ଷେତ୍ରରେ ସରକାର ନୂତନ ସମ୍ଭାବନା ସୃଷ୍ଟି କରୁଛନ୍ତି। ଏହି ବୟନ ପାର୍କ ପ୍ରତିଷ୍ଠା ହେଲେ ରାଜ୍ୟର ଅର୍ଥନୀତି ସୁଦୃଢ଼

ହେବା ସହ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଡପଲର ରାଡାର ସ୍ଥାପନ

ସମ୍ବଲପୁର ପାଣିପାଗ ବିଭାଗ କାର୍ଯ୍ୟାଳୟରେ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଡପଲର ରାଡାର ସ୍ଥାପନ କରାଯିବ। ଆସନ୍ତାକାଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସହର ଉପକଣ୍ଠ ଜମାଦାରପାଲି ଏୟାରଷ୍ଟ୍ରିପ୍ ନିକଟରେ ଥିବା ପାଣିପାଗ ବିଭାଗ କାର୍ଯ୍ୟାଳୟରେ ଏହି ରାଡାର ସ୍ଥାପନର ଶୁଭାରମ୍ଭ କରିବେ। ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁଥିବା ଏହି ରାଡାର ସମ୍ବଲପୁର ଅଞ୍ଚଳରେ ପାଣିପାଗ ସମ୍ପର୍କରେ ସଠିକ୍ ଏବଂ ତ୍ୱରିତ ସୂଚନା ମିଳିପାରିବ ବୋଲି ଜଣାପଡିଛି।

## ଆଇନ୍‌ଜୀବୀ କଲ୍ୟାଣ ପାଣ୍ଠି

ଓଡ଼ିଶା ଆଇନ୍‌ଜୀବୀ କଲ୍ୟାଣ ପାଣ୍ଠି ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଏହି ରାଶି ମଞ୍ଜୁର କରାଯାଇଛି। ଏ ନେଇ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଷ୍ଟାଣ୍ଡିଂ କମିଟି ବୈଠକ

ଅବକାରୀ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ବୈଠକ କମିଟିର ଅଧ୍ୟକ୍ଷ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀ ସ୍ୱାଇଁ କହିଛନ୍ତି, ଅବକାରୀ ବିଭାଗରେ କନେଷ୍ଟବଳ ପଦବୀ ନିୟମିତ ହେବ। ଏ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟରେ ନିଶା କାରବାରରେ

ନିୟନ୍ତ୍ରଣ ଲାଗି ପୋଲିସ ଡିଜିଙ୍କ ଅଧ୍ୟକ୍ଷତାରେ ୨୦୨୨ ମସିହାରେ ସ୍ପେଶାଲ ଟାସ୍କଫୋର୍ସ୍  ଗଠନ ହୋଇଥିଲା। ଏହାକୁ ପୁନର୍ଗଠନ କରାଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ବୈଠକରେ ଅବକାରୀ ବିଭାଗ ସମ୍ପର୍କିତ ବିଭିନ୍ନ ଯୋଜନା ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଥିଲେ।

## ପିଏମ୍ଶ୍ରୀ ବିଦ୍ୟାଳୟ ପ୍ରତିଷ୍ଠା

**ଗଞ୍ଜାମ** ଜିଲ୍ଲାର ପୋଲସରା ତହସିଲ ଅନ୍ତର୍ଗତ ମଥୁରା ପଂଚାୟତ ମାରଦା ମନ୍ଦିରଠାରେ ପିଏମ୍ଶ୍ରୀ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆସିକା ସାଂସଦ ଅନୀତି ପ୍ରିୟଦର୍ଶିନୀ ପଟ୍ଟନାୟକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନୁରୋଧ କରିଛନ୍ତି। ଶ୍ରୀମତୀ ପଟ୍ଟନାୟକ ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ କରି ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ପଥ ଉତ୍ସବ ସ୍ଥଗିତ

ଲଗାଣ ବର୍ଷା ଯୋଗୁଁ ଭୁବନେଶ୍ୱରରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ପଥୋତ୍ସବକୁ ସ୍ଥଗିତ କରାଯାଇଛି। ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମ-ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମର ନୂତନ ତାରିଖ ଓ ସ୍ଥାନ ଶୀଘ୍ର ଘୋଷଣା କରାଯିବ ବୋଲି ବିଏମ୍ସି ପକ୍ଷରୁ କୁହାଯାଇଛି।

## ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ଆସନ୍ତା ମାସରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି । ଶ୍ରୀମତୀ ପରିଡା କହିଛନ୍ତି, ଏହି ପର୍ଯ୍ୟାୟରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା ରାଶି ମିଳିବ । ବଣ୍ଡା ଘାଟିରେ ୧୨ ହଜାରରୁ ଉର୍ଦ୍ଧ୍ୱ ମହିଳା ସୁଭଦ୍ରା ସହାୟତା ରାଶି ପାଇଁ ଆବେଦନ କରିଛନ୍ତି । ପ୍ରଥମ କିସ୍ତିରେ ୯ ହଜାର ହିତାଧିକାରୀ ସୁଭଦ୍ରା ଅର୍ଥ ପାଇଛନ୍ତି । ଯେଉଁମାନେ ସୁଭଦ୍ରା ସହାୟତା ରାଶି ପାଇପାରି ନାହାନ୍ତି ଆବେଦନ ପତ୍ର ଯାଞ୍ଚ ପରେ ସମସ୍ତ ପ୍ରକୃତ ହିତାଧିକାରୀଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଈଶ୍ୱର ତାଲିଆଙ୍କ ଶେଷକୃତ୍ୟ

ରାଜସ୍ଥାନରେ ଟ୍ୟାଙ୍କ୍ ଫାୟାରିଂ ଅଭ୍ୟାସ ସମୟରେ ପ୍ରାଣ ହରାଇଥିବା ଓଡ଼ିଆ ଯବାନ୍ ଈଶ୍ୱର ତାଲିଆଙ୍କର ଆଜି ତାଙ୍କ ଜନ୍ମସ୍ଥାନ **କୋରାପୁଟ** ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍‌ର ବଡାଗୁଡ଼ାଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଆଜି ସନ୍ଧ୍ୟାରେ ତାଙ୍କ ପାର୍ଥିବ ଶରୀରକୁ ବୈପାରୀଗୁଡ଼ାଠାରୁ ଏକ ଶୋଭାଯାତ୍ରାରେ ବାହାର କରାଯାଇ ଜନ୍ମମାଟିକୁ ନିଆଯାଇଥିଲା । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ ।

## ଶିଶୁଙ୍କ ପାଇଁ ଦିନଟିଏ

**ନବରଙ୍ଗପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆଜି ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ

ହୋଇଯାଇଛି । ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ୍, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡଲାଇନ୍ ପରାମର୍ଶଦାତା କମିଟିର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା । ଆସନ୍ତା ୩ ମାସ ମଧ୍ୟରେ ଜିଲ୍ଲାର ୧୦ଟି ବ୍ଲକ୍‌ରେ ଶିଶୁ ମଙ୍ଗଳ କମିଟିର ଏକ କ୍ୟାମ୍ପ କୋର୍ଟ କରାଯାଇ ଜିଲ୍ଲାର ସମସ୍ତ ଅନାଥ ଶିଶୁ ଏବଂ ଏକକ ପିତାମାତା ଥିବା ଶିଶୁମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ତଥା ଅଙ୍ଗନୱାଡ଼ି ସ୍ତରରେ ଦାଦନ ଶ୍ରମିକମାନଙ୍କର ତଥ୍ୟ ଉପସ୍ଥାପନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ନବରଙ୍ଗପୁର** ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଉମରକୋଟ ବ୍ଲକ୍ ସମ୍ମିଳନୀ କକ୍ଷରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୋଟ୍ ୬୨୯ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୪୪୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ହୀରାକୁଦ-ପକ୍ଷୀଗଣନା

ହୀରାକୁଦ ଜଳଭଣ୍ଡାରରେ ଆସନ୍ତା ମାସ ୧୮ ତାରିଖରେ ପକ୍ଷୀଗଣନା କରାଯିବ । ସକାଳ ୫ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜଳଭଣ୍ଡାରର ୫ ଶହ ବର୍ଗ କିଲୋମିଟର ପର୍ଯ୍ୟନ୍ତ ଏହି ଗଣନା କରାଯିବ ।  ଗଣନା କାର୍ଯ୍ୟରେ

ବନବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ବିଶେଷଜ୍ଞମାନେ ସାମିଲ ହେବେ ବୋଲି ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଚଳିତବର୍ଷ ଗୋଟିଏ ଦିନରେ ସବୁ ସ୍ଥାନରେ ପକ୍ଷୀଗଣନା ହେବ।

## କୃଷି ଯନ୍ତ୍ରପାତି ମେଳା

**ସମ୍ବଲପୁର** ପିଏଚ୍‌ଡି ପଡିଆଠାରେ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜିଠାରୁ ଆରମ୍ଭ ହୋଇଛି। ମେଳାରେ ଉନ୍ନତମାନର କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯିବା ସହ ଚାଷୀମାନଙ୍କୁ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଇଛି। ଜିଲ୍ଲାର କୁଶଳୀ ଚାଷୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ବିଧାୟକ ଜୟ ନାରାୟଣ ମିଶ୍ର ଏଥିରେ ଯୋଗଦେଇ ନୂତନ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଚାଷୀମାନେ ନୂତନ ପଦ୍ଧତିରେ ଚାଷ କରି ଲାଭବାନ୍ ହୋଇପାରିବେ ବୋଲି କହିଛନ୍ତି।

## ତାଲିମ୍ ଶିବିର

**ଗଞ୍ଜାମ** ଜିଲ୍ଲାରେ ଡିଜିଟାଲ ଫସଲ ସର୍ଭେ ଓ ଦଲିଲ୍ ସଂରକ୍ଷଣ ସମ୍ପର୍କରେ ଏକ ତାଲିମ ଶିବିର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଛତ୍ରପୁର ଉପଖଣ୍ଡ ସ୍ତରରେ ଥିବା ସମସ୍ତ ୮ଟି ବ୍ଲକ୍‌ରେ ଏହି ଡିଜିଟାଲ ସର୍ଭେ କାର୍ଯ୍ୟ କରାଯିବ। ଚଳିତ ରବିଋତୁରେ ସର୍ବେକ୍ଷଣ କରାଯାଇ ପଞ୍ଚାୟତସ୍ତରରେ ଥିବା ସମସ୍ତ ଯୋଗ୍ୟ

ଚାଷୀଙ୍କ ପ୍ରକୃତ ଜମି ଏବଂ ଆଧାରରୁ ତଥ୍ୟ ସଂଗୃହୀତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ଶିବିରରେ କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

## ଗ୍ରାମ ଉତ୍କର୍ଷ ଅଭିଯାନ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଧରତିଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନକୁ ନେଇ ମନ୍ଥନ ଶିବିର ଅନୁଷ୍ଠିତ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ ଆଦି ବିଭିନ୍ନ ସରକାରୀ ସୁବିଧା ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି । ବୈଠକରେ ଜିଲ୍ଲା ବନଖଣ୍ଡ ଅଧିକାରୀ, ଉପଜିଲ୍ଲାପାଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ସଡକ ସୁରକ୍ଷା ସଚେତନତା

**ଦେବଗଡ଼** ସ୍ନାତକ ମହାବିଦ୍ୟାଳୟଠାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ୍ ଓ ଦେବଗଡ଼ ଆଦର୍ଶ ଥାନା କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ସଡକ ସୁରକ୍ଷା ନିୟମ ସମ୍ପର୍କରେ ସଚେତନ କରାଇଥିଲେ ।

## ପ୍ରଦର୍ଶନୀ

ବରଗଡ଼ ଜିଲ୍ଲା ବରପାଲି ସରକାରୀ ବାଳକ ଉଚ୍ଚବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

ହୋଇଯାଇଛି। ଏହି ପ୍ରଦର୍ଶନୀରେ କେନ୍ଦ୍ରାପଡାର ୭ଟି ପ୍ରକଳ୍ପ ମଧ୍ୟରୁ ୪ଟି ପ୍ରକଳ୍ପ ଜୋନ୍‌ସ୍ତରକୁ ମନୋନିତ ହୋଇଛି। ଆସନ୍ତାମାସରେ କୋଲକାତାରେ ଅନୁଷ୍ଠିତ ହେବାକୁ ଥିବା ଜୋନ୍‌ସ୍ତରୀୟ ପ୍ରଦର୍ଶନୀରେ ମନୋନୀତ ଛାତ୍ରଛାତ୍ରୀ ଭାଗନେବେ।

## ୱ୍ୱାର୍ଲଡୱ୍ୱାଇଡ୍ ମେଡିଟେସନ ଡେ

ବିଶ୍ୱରେ ସୁସ୍ଥତା, ଶାନ୍ତି ଏବଂ ଉତ୍ତମ ମାନସିକତାକୁ ପ୍ରୋସାହିତ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ଧ୍ୟାନ ଦିବସ ପାଳନ କରାଯାଇଛି। ଜାତିସଂଘରେ ଆଜି ଏହି ଦିବସ ଅବସରରେ ଭାରତର ମିଳିତ ପ୍ରୟାସରେ ବିଶ୍ୱଶାନ୍ତି ଓ ଐକ୍ୟ ନିମନ୍ତେ 'ଧ୍ୟାନ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ, ଭାରତର ପାରମ୍ପରିକ ଧ୍ୟାନ ପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରିବା ସହ ଏହାକୁ ଅନ୍ତଃମନର ଶାନ୍ତି ପ୍ରାପ୍ତି ଦିଗରେ ଏକ ପ୍ରମୁଖ ଅସ୍ତ୍ର ବୋଲି କହିଛନ୍ତି । ବିଶ୍ୱର ବିଭିନ୍ନ ଦେଶରେ ଥିବା ଭାରତୀୟ ଦୂତାବାସ ଗୁଡ଼ିକରେ ଆଜି ପ୍ରଥମଥର ପାଇଁ ବିଶ୍ୱ ଧ୍ୟାନ ଦିବସ ପାଳିତ ହେଉଛି।

## ପାଣିପାଗ

ରାଜ୍ୟର ଅଧିକାଂଶ ଅଞ୍ଚଳରେ ଲଘୁଚାପଜନିତ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲାର ରଣପୁରଠାରେ ସର୍ବାଧିକ ୧୦୮ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ,

କେନ୍ଦୁଝର ଏବଂ ଝାରସୁଗୁଡ଼ା ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ **ମନୋରମା ମହାନ୍ତି** କହିଛନ୍ତି ।